## ସଂକ୍ଷେପରେ

### ନେତାଙ୍କୁ ଦିଆଗଲା ଚୂଡ଼ାନ୍ତ ଭୋଟର ତାଲିକା

**ଢେଙ୍କାନାଳ ଅଫିସ, ୨୫।୨:** ଆସନ୍ତା ମାର୍ଚ୍ଚ ୨୪ରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ଢେଙ୍କାନାଳ ପୌରାଞ୍ଚଳର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଅପରାହ୍ଣରେ ଜିଲା କାର୍ଯ୍ୟାଳୟଠାରେ ଜିଲାପାଳ ସରୋଜ କୁମାର ସେଠୀ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଏହି ତାଲିକା ପ୍ରଦାନ କରିଛନ୍ତି। ଭାଜପା, ବିଜେଡି, କଂଗ୍ରେସ ସମେତ ଅନ୍ୟ ରାଜନୈତିକ ଦଳର ପ୍ରତିନିଧିମାନେ ଭୋଟର ତାଲିକା ଗ୍ରହଣ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

**ଢେଙ୍କାନାଳ ଅଫିସ, ୨୫।୨:** ଢେଙ୍କାନାଳ ସଦର ବ୍ଲକ ରାଧାଦେଇପୁର ପଞ୍ଚାୟତ ନୂଆପଡ଼ା ଗ୍ରାମରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଓ ହରିନାମ ସଂକୀର୍ତ୍ତନ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ କମିଟି ପୂର୍ବତନ ସଭାପତି ଶର୍ଙ୍କର୍ଷଣ ଶତପଥୀ, ଡା. ଶ୍ରୀନିବାସ ହୋତା ପ୍ରମୁଖ ଏହାର ପରିଚାଳନା କରିଥିଲେ। ରବିନାରାୟଣ ହୋତା, ନିରଞ୍ଜନ ଦାଶ, ସୁମନ ହୋତା, ଅକ୍ଷୟ କୁମାର ହୋତା କର୍ତ୍ତା ଦାୟିତ୍ୱ ତୁଲାଇଥିବାବେଳେ ଗ୍ରାମ ପରିଚାଳନା କମିଟି, ରାଧାରମଣ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଶ୍ରଦ୍ଧାଳୁମାନଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

### ୩ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ,୨୫।୨:** ଢେଙ୍କାନାଳ ଜିଲାରୁ ଶୁକ୍ରବାର ୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୨୨ ହଜାର ୩୫୫ରେ ପହଞ୍ଚିଛି। ଚିହ୍ନଟ ହୋଇଥିବା ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ସଦର ବ୍ଲକରୁ ୧, ଓଡ଼ାପଡ଼ାରୁ ୧ ଏବଂ ଗଁଦିଆରୁ ଜଣେ ରହିଛନ୍ତି। ସେହିପରି ଦିନକରେ ୩ ଜଣ ସୁସ୍ଥ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଶାନ୍ତି ପ୍ରତିଷ୍ଠା ପାଇଁ ନିବେଦନ

**ଢେଙ୍କାନାଳ ଅଫିସ, ୨୫।୨:** ଢେଙ୍କାନାଳ ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀପାର୍କଠାରେ ବୁଦ୍ଧିଜୀବୀ ସଙ୍ଗଠନର କର୍ମକର୍ତ୍ତାମାନେ ଶୁକ୍ରବାର ଏକତ୍ରିତ ହୋଇ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ତୀବ୍ର ନିନ୍ଦା କରିଛନ୍ତି। ତୁରନ୍ତ ଶାନ୍ତି ପ୍ରତିଷ୍ଠା ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପୀୟ ସଂଘ ସମେତ ପୃଥିବୀର ଅନ୍ୟ ଶକ୍ତିଶାଳୀ ରାଷ୍ଟ୍ରର ଅନୁରୋଧକୁ ରୁଷିଆ ଅଣଦେଖା କରିବା ଆଗାମୀ ଦିନରେ ବିଶ୍ୱ ଶାନ୍ତି ପ୍ରତିଷ୍ଠାରେ କଣ୍ଟା ସାଜିବ ବୋଲି ସେମାନେ କହିଛନ୍ତି। ସେହିପରି ୟୁକ୍ରେନ୍‌ରେ ରହୁଥିବା ୨୦ ହଜାର ଭାରତୀୟଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଲାଗି ବୈଦେଶିକ ମନ୍ତ୍ରଣାଳୟ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ଲାଗି ଦାବି କରାଯାଇଛି। ସଙ୍ଗଠନର ପ୍ରତିଷ୍ଠାତା ସଦସ୍ୟ ଡା. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀଙ୍କ ସମେତ ସଙ୍ଗଠନର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ୨୭ ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

**ଢେଙ୍କାନାଳ ଅଫିସ, ୨୫।୨**


ଜିଲାପାଳ ସରୋଜ କୁମାର ସେଠୀ ସଦର ବ୍ଲକ କାର୍ଯ୍ୟାଳୟରେ କରାଯାଇଥିବା ଭୋଟ ଗଣତି କେନ୍ଦ୍ରରେ ପ୍ରସ୍ତୁତି ବୁଲି ଦେଖୁଛନ୍ତି।

ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ତ୍ରିସ୍ତରୀୟ ନିର୍ବାଚନ ପ୍ରକ୍ରିୟା। ଶନିବାରଠାରୁ ୨୮ ତାରିଖ ଯାଏ କ୍ରମାନ୍ୱୟରେ ଜିଲା ପରିଷଦ ଜୋନ୍ ଏବଂ ଏହା ଅନ୍ତର୍ଗତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡସଭ୍ୟଙ୍କ ଭୋଟଗଣତି ହେବ। ଏଥିଲାଗି ଢେଙ୍କାନାଳ ଜିଲାର ସମସ୍ତ ବ୍ଲକ କାର୍ଯ୍ୟାଳୟରେ ପ୍ରସ୍ତୁତି ଶେଷ ହୋଇଛି। ପ୍ରଥମ ଦିନ ୨୭ ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଥିବାବେଳେ ଏହାକୁ ନେଇ ବ୍ୟାପକ ଉତ୍କଣ୍ଠା ପ୍ରକାଶ ପାଇଛି।

ଜିଲାରେ ୮ ବ୍ଲକର ୧ନଂ. ଜୋନ୍ ଅଧୀନ ସମସ୍ତ ପ୍ରାର୍ଥୀଙ୍କ ଭୋଟଗଣତି ସକାଳ ୮ଟାରୁ ଆରମ୍ଭ ହେବ। ଗଣତି ଶେଷ ହେବା ଯାଏ ଏହି ପ୍ରକ୍ରିୟା ଚାଲିବ। ଗୋଟିଏ ଜୋନ୍‌ରେ ପଞ୍ଚାୟତ ସଂଖ୍ୟା ଅନୁଯାୟୀ ସେତିକି ଟେବୁଲ ପଡ଼ିବ। ବାଲଟ୍ ପେପର ପୃଥକୀକରଣ ପରେ ଭୋଟଗଣତି ଆରମ୍ଭ ହେବ। ଓଡ଼ାପଡ଼ା ବ୍ଲକ ଜୋନ୍-୧ରେ ୩, କଙ୍କଡ଼ାହାଡ଼ ବ୍ଲକ ଜୋନ୍-୧ରେ ୩, କାମାକ୍ଷାନଗର ଜୋନ୍-

**ଆଜିଠାରୁ ପଞ୍ଚାୟତ ନିର୍ବାଚନ ଭୋଟଗଣତି, ପ୍ରସ୍ତୁତି ଶେଷ**

୧ରେ ୩, ଗଁଦିଆ ବ୍ଲକ ଜୋନ-୧ରେ ୪, ସଦର ବ୍ଲକ ଜୋନ-୧ରେ ୪, ପରଜଙ୍ଗ ବ୍ଲକ ଜୋନ-୧ରେ ୪, ଭୁବନ ବ୍ଲକ ଜୋନ-୧ରେ ୩ ଓ ହିନ୍ଦୋଳ ବ୍ଲକ ଜୋନ-୧ରେ ୩ଜଣ ଜିଲା ପରିଷଦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଓଡ଼ାପଡ଼ା ବ୍ଲକ ଜିଲା ପରିଷଦ ଜୋନ୍-୧ରେ ୧୦, କଙ୍କଡ଼ାହାଡ଼ ବ୍ଲକ ଜିଲା ପରିଷଦ ଜୋନ୍-୧ରେ ୮, କାମାକ୍ଷାନଗର ଜୋନ୍-୧ରେ ୬, ଗଁଦିଆ ଜୋନ୍-୧ରେ ୪, ସଦର ବ୍ଲକ ଜୋନ୍-୧ରେ ୮, ପରଜଙ୍ଗ ବ୍ଲକ ଜୋନ୍-୧ରେ ୧୧, ଭୁବନ ବ୍ଲକ ଜୋନ-୧ରେ ୬, ହିନ୍ଦୋଳ ବ୍ଲକ ଜୋନ୍-୧ରେ ୯ଟି ପଞ୍ଚାୟତ ରହିଛି।

ନିର୍ଭୁଲ ଗଣତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ ଢେଙ୍କାନାଳ ସଦର ବ୍ଲକ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ ଗଁଦିଆ, ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ନେତ୍ରାନନ୍ଦ ମଲ୍ଲିକ ଭୁବନ, ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ ବରେନ୍ଦ୍ରନାଥ ଧଳ କାମାକ୍ଷାନଗର, ହିନ୍ଦୋଳ ଉପଜିଲାପାଳ ଉଦୟନାଥ ମହାପାତ୍ର ହିନ୍ଦୋଳ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ଓଡ଼ାପଡ଼ା, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ପରଜଙ୍ଗ, ଅତିରିକ୍ତ ପିଡି ଡିଆରଡିଏ ସରୋଜ କୁମାର ଦତ୍ତ କଙ୍କଡାହାଡ଼ ବ୍ଲକ ଦାୟିତ୍ୱରେ ଅଛନ୍ତି। ଭୋଟ ଗଣତିକେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯିବା ସହିତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମତଗଣନା ପୂର୍ବରୁ ଜିଲାପାଳ ସରୋଜ କୁମାର ସେଠୀ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ହୋଇଥିବା ଭୋଟ ଗଣତି କେନ୍ଦ୍ରରେ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି।

ଏ ସଂକ୍ରାନ୍ତରେ ଏସ୍‌ପି ଏଲ୍. ଦିବ୍ୟା ଭି. କୁହନ୍ତି, ଭୋଟ ଗଣତି କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ପୋଲିସ ମୁତୟନ କରାଯାଇଛି । ଷ୍ଟ୍ରାଇକିଂ ଫୋର୍ସ ରଖାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି।

# ମାସ୍କ ପିନ୍ଧାଇଲେ, ସଚେତନ କଲେ


ସ୍କାଉଟ୍ସ ଓ ଗାଇଡ୍ସ ତରଫରୁ ଜଣେ ବ୍ୟକ୍ତିଙ୍କୁ ମାସ୍କ ପିନ୍ଧାଇ ସଚେତନ କରାଯାଉଛି।

**ଢେଙ୍କାନାଳ ଅଫିସ,୨୫।୨**

ଢେଙ୍କାନାଳ ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ତରଫରୁ ଶୁକ୍ରବାର ଜନସାଧାରଣଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଛି। ଏଥିସହ କୋଭିଡ୍ ଉପରେ ସଚେତନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ସ୍କାଉଟ୍ସ ଓ ଗାଇଡ୍ସ ମୁଖ୍ୟ କମିଶନର ନିବେଦିତା ପାଣି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଯୋଗଦେଇଥିଲେ। ସମ୍ପାଦକ ସୌଦାମିନୀ ରାଉତ ଏବଂ ଜିଲା କାର୍ଯ୍ୟକାରିଣୀ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ବସ୍‌ଷ୍ଟାଣ୍ଡ, ଶହୀଦ ଛକ, ଗାନ୍ଧୀ ଛକ, ହନୁମାନ ଛକ ଯାଏ ଚାଲିଥିଲା। ୧ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା। ଜିଲା ସ୍କାଉଟ୍ସ କମିଶନର ଗଗନ ବିହାରୀ ନାୟକ, ଗାଇଡ୍ସ କମିଶନର ପୁଷ୍ପାଞ୍ଜଳି ଦଳେଇ, ସ୍କାଉଟ୍ ସଙ୍ଗଠନ କମିଶନର ବିଜୟ କୁମାର ନନ୍ଦ, ଗାଇଡ୍ସ ସଙ୍ଗଠନ କମିଶନର ସବିତା ସାହୁ, ଜିଲା ସ୍କାଉଟ୍ସ ତାଲିମ କମିଶନର ନରେଶ ମହାରଣା, ସ୍କାଉଟ୍ସ ମାଷ୍ଟର ସୁବ୍ରତ କୁମାର ମିଶ୍ର, ଅଫିସ କର୍ମଚାରୀ ପ୍ରଶାନ୍ତ ସାହୁ, ସ୍ୱର୍ଣ୍ଣପ୍ରଭା ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ପାଇପ୍‌ରେ ଆସୁଛି ଦୂଷିତ ପାଣି


ପାଇପ୍‌ରେ ଦୂଷିତ ପାଣି ଯୋଗାଣ ପ୍ରତିବାଦରେ ମହିଳାମାନେ ବିଭାଗୀୟ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ଢେଙ୍କାନାଳ ଅଫିସ,୨୫।୨**

ଢେଙ୍କାନାଳ ପୌରାଞ୍ଚଳର ୫ନଂ. ୱାର୍ଡ ଅଧୀନ ଚାନ୍ଦମାରି ସାହିରେ ଶୁକ୍ରବାର ଦୂଷିତ ପାନୀୟ ଜଳ ଯୋଗାଣକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ରଶ୍ମିତା କୁଅଁରଙ୍କ ନେତୃତ୍ୱରେ ୱାର୍ଡର ବହୁ ମହିଳା ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ତାଲା ପକାଇ ଘେରାଉ କରିଥିଲେ।

ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ପାଣି ଅତିମାତ୍ରାରେ ଦୂଷିତ। ଗେରୁଆ ରଙ୍ଗଯୁକ୍ତ ଏହି ପାଣିକୁ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରିବା କଷ୍ଟକର। ଅଞ୍ଚଳରେ ପିଇବା ପାଣି ପାଇଁ ଅନ୍ୟ ବିକଳ୍ପ ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ

**କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ**

- ସମାଧାନ ନ ହେଲେ ପ୍ରଶାସନକୁ ଅଚଳ କରିଦେବା ଚେତାବନୀ
- ମିଳିଲା ବିଭାଗୀୟ ପ୍ରତିଶ୍ରୁତି, ଖୁବ୍‌ଶୀଘ୍ର ସମାଧାନ ହେବ ସମସ୍ୟା

ହେଉଛନ୍ତି। ଏଭଳି ମଇଳା ପାଣି ଯୋଗାଣକୁ ନେଇ ୱାର୍ଡବାସୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ପ୍ରଶାସନିକକଳକୁ ଅଚଳ କରି ଦିଆଯିବ ବୋଲି ୱାର୍ଡବାସୀ ଚେତାବନୀ ଦେବା ସହ ହୋହଲ୍ଲା କରିଥିଲେ।

ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଜନସ୍ୱାସ୍ଥ୍ୟ ବିଭାଗ ଏସ୍‌ଡିଓ ଲୋକମାନଙ୍କୁ ବୁଝାଇବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏ ନେଇ ଏସ୍‌ଡିଓ ଅଲେଖ ବିହାରୀ ପରିଡା କହିଛନ୍ତି, ଆଗରୁ ଏଭଳି ଅଭିଯୋଗ ଆସି ନ ଥିଲା । ପାଇପ କାମ ଚାଲୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଖୁବ୍‌ଶୀଘ୍ର ମରାମତି କାମ ସରିବ। ଲୋକଙ୍କ ସମସ୍ୟା ଦୂର ହେବ।

ସୂଚନାଯୋଗ୍ୟ, ଖରା ଆରମ୍ଭରୁ ଢେଙ୍କାନାଳ ସହରର ବିଭିନ୍ନ ସ୍ଥାନରେ ଜଳକଷ୍ଟ ଆରମ୍ଭ ହେଲାଣି। ଆଗାମୀ ଦିନରେ ଏହି ସମସ୍ୟା ଆହୁରି ଜଟିଳ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ୫୩ ବୁଥ୍, ୫୧,୧୬୧ ଭୋଟର

**ଢେଙ୍କାନାଳ ପୌର ନିର୍ବାଚନ ପ୍ରସ୍ତୁତି ଆରମ୍ଭ**

**ଢେଙ୍କାନାଳ ଅଫିସ, ୨୫।୨**

ପୌର ନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ତାରିଖ ଘୋଷଣା ପରେ ଢେଙ୍କାନାଳରେ ରାଜନୈତିକ ଉଷ୍ମତା ବଢ଼ିଛି। ଚଳିତ ନିର୍ବାଚନରେ ନଗରପାଳ ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ପ୍ରତ୍ୟକ୍ଷ ମତଦାନ ହେଉଛି। ବିଜୟୀ ସମ୍ଭାବନା ଥିବା ଉପଯୁକ୍ତ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନକୁ ଆଣିବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାବେଳେ ଏଥିଲାଗି ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ସବୁ ରାଜନୈତିକ ଦଳ।

ଢେଙ୍କାନାଳ ପୌରାଞ୍ଚଳର ମୋଟ ୨୩ ୱାର୍ଡ ଅନ୍ତର୍ଗତ ୫୩ ବୁଥ୍‌ରେ ୫୧ ହଜାର ୧୬୧ ଭୋଟର ମତଦାନ କରିବେ। ତନ୍ମଧ୍ୟରୁ ୨୫ ହଜାର ୨୮୨ ମହିଳା ଏବଂ ୨୫ ହଜାର ୮୭୬ ପୁରୁଷ ଏବଂ ଅନ୍ୟ ବର୍ଗର ୩ଜଣ ରହିଛନ୍ତି। ୧, ୨ନଂ. ୱାର୍ଡ ଅନୁସୂଚିତ ଜାତି, ୩, ୫, ୬, ୮, ୯, ୧୩, ୧୪, ୧୫, ୨୩ନଂ. ୱାର୍ଡ ସାଧାରଣବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ୪, ୭, ୧୦, ୧୨, ୧୬, ୧୭, ୨୦, ୨୧, ୨୨ନଂ. ୱାର୍ଡ ମହିଳା ବର୍ଗ ଲାଗି ଉଦ୍ଦିଷ୍ଟ ରହିଛି। ୧୧, ୧୮ ଏବଂ ୧୯ନଂ. ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ଲାଗି ସଂରକ୍ଷିତ ରଖାଯାଇଛି।

୧ନଂ. ୱାର୍ଡରେ ୩,୫୪୯ଜଣ, ୨ନଂ.ରେ ୧,୨୦୪ଜଣ, ୩ନଂ.ରେ ୧,୭୯୭ ଜଣ, ୪ନଂ.ରେ ୨,୪୩୮ ଜଣ, ୫ନଂ.ରେ ୧,୫୫୦ ଜଣ, ୬ନଂ.ରେ ୧,୪୯୮ଜଣ, ୭ନଂ.ରେ ୩,୩୪୪ ଜଣ, ୮ନଂ.ରେ ୨,୨୫୪ ଜଣ, ୯ନଂ.ରେ ୩,୧୩୧ ଜଣ, ୧୦ନଂ.ରେ ୪,୦୯୪ ଜଣ, ୧୧ନଂ.ରେ ୨,୨୨୮ ଜଣ, ୧୨ନଂ.ରେ ୨,୧୧୩ ଜଣ, ୧୩ନଂ.ରେ ୨,୮୧୬ ଜଣ, ୧୪ନଂ.ରେ ୧,୭୩୯ ଜଣ, ୧୫ନଂ.ରେ ୧,୯୫୧ ଜଣ, ୧୬ନଂ.ରେ ୧,୭୦୬ ଜଣ, ୧୭ନଂ.ରେ ୨,୧୨୯ ଜଣ, ୧୮ନଂ.ରେ ୧,୭୭୯ ଜଣ, ୧୯ନଂ.ରେ ୨,୨୩୬ ଜଣ, ୨୦ନଂ.ରେ ୧,୬୪୫ ଜଣ, ୨୧ନଂ.ରେ ୧,୮୨୦ଜଣ, ୨୨ନଂ.ରେ ୨,୫୩୯ ଜଣ ଏବଂ ୨୩ନଂ.ରେ ୧୬୦୧ ଜଣ ଭୋଟର ରହିଛନ୍ତି।

ଢେଙ୍କାନାଳରେ ଅନୁଷ୍ଠିତ ୨୦୧୩ ପୌର ନିର୍ବାଚନରେ କଂଗ୍ରେସକୁ ସର୍ବାଧିକ ୧୧ ଆସନ ମିଳିଥିବା ସତ୍ତ୍ୱେ ଦଳ ପୌର ପରିଷଦ ଗଠନ କରିପାରି ନ ଥିଲା। ବିଜେଡିକୁ ୬, ଭାଜପାକୁ ୫ ଆସନ ମିଳିଥିବା ବେଳେ ଗୋଟିଏ ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ। ବିଜେଡି ପ୍ରାର୍ଥୀ ଇନ୍ଦ୍ରମଣି ବେହେରା ଧର୍ମଗୁଳାରେ ନଗରପାଳ ପଦବୀ ହାତେଇଥିଲେ। ତେବେ ୩ବର୍ଷ ପରେ ୨୦୧୬ରେ ଅନାସ୍ଥା ପ୍ରସ୍ତାବ ଇନ୍ଦ୍ରମଣିଙ୍କୁ ଗାଦିଚ୍ୟୁତ କରିଥିଲା। ଧର୍ମଗୁଳାରେ ଭାଜପା କାଉନସିଲର ସୁଧାଂଶୁ କୁମାର ଦଳେଇ ବିଜୟୀ ହୋଇ ନଗରପାଳ ହୋଇଥିଲେ। ୨୦୧୯ରେ ପୌର ପରିଷଦ କାର୍ଯ୍ୟକାଳ ଶେଷ ହେବା ପରେ ଅଦ୍ୟାବଧି ଏହା ଜିଲାପାଳଙ୍କ ଅଧୀନରେ ରହିଛି। ଚଳିତ ନିର୍ବାଚନ ବିଜେଡି, ଭାଜପା ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ କଂଗ୍ରେସ ପୂର୍ବସ୍ଥିତି ବଜାୟ ରଖିପାରିବ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ଢେଙ୍କାନାଳ ପୌରସଂସ୍ଥା କାର୍ଯ୍ୟାଳୟ।

# ଆବେଦନ ଖାରଜ, ୫ କୋଟି ଜରିମାନା

**ଝିଲ୍ଲି ଖଣିରୁ ବେଆଇନ ପଥର ଉତ୍ତୋଳନ ମାମଲା**

**ପରଜଙ୍ଗ, ୨୫।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ତହସିଲ ଅନ୍ତର୍ଗତ ଝିଲ୍ଲି ଗ୍ରାମ ନିକଟରେ ଥିବା ବିବାଦୀୟ ପଥରଖଣି ଉତ୍ତୋଳନକାରୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)। ଏଥିସହ ୫କୋଟି ଟଙ୍କା ଜରିମାନା ତୁରନ୍ତ ଦେବା ଲାଗି ଦେଇଥିବା ପୂର୍ବ ନିର୍ଦ୍ଦେଶକୁ ବଳବତ୍ତର ରଖିଛନ୍ତି।

ସୂଚନାଯୋଗ୍ୟ, ଝିଲ୍ଲି ଗ୍ରାମ ନିକଟରେ ଥିବା ପଥରଖଣିରେ ବେଆଇନ ବ୍ଲାଷ୍ଟିଂ, ଗଛକଟା, ମାତ୍ରାଧିକ ପଥର ଖନନରୁ ପ୍ରଦୂଷଣ ବୃଦ୍ଧି, ବ୍ଲାଷ୍ଟିଂ ପାଇଁ ବାସଗୃହ କ୍ଷତିଗ୍ରସ୍ତ ହେବା କାରଣରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ରୂପ ନେଇଥିଲା। ଗ୍ରାମବାସୀ ମହାବିରୋଡ ଆର୍‌ଆଇ, ବନପାଳ, ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ। ଏହାକୁ ନେଇ ସାମାଜିକ କର୍ମୀ ଶାନ୍ତନୁ କୁମାର ଭୁକ୍ତା, ସୁକାନ୍ତି ପ୍ରଧାନ, ସିପ୍ରା ପ୍ରଧାନ, ପ୍ରେମାନନ୍ଦ ପ୍ରଧାନ, ଶୈଳ ପ୍ରଧାନ ପ୍ରମୁଖ ୨୦୨୦ ଜୁଲାଇ ୧୦ରେ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକୁ ଭିତ୍ତିକରି ତଦନ୍ତ ପାଇଁ ଢେଙ୍କାନାଳ ଜିଲାପାଳ, ବନ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜ୍ୟ ପରିବେଶ ପରିବେଶ ପ୍ରଭାବ ଆକଳନ ପ୍ରାଧିକରଣ, କେନ୍ଦ୍ରୀୟ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ୨୦୨୧ ଜୁନ୍ ୨୫ରେ ଖଣି ପରିସର ଅନୁଧ୍ୟାନ କରିଥିଲେ। ଅକ୍ଟୋବର ୮ରେ ସତ୍ୟପାଠ ମାଧ୍ୟମରେ ମାତ୍ରାଧିକ ପଥର ଖନନ ଲାଗି ଜିଲାପାଳଙ୍କୁ ୩,୫୦,୭୦,୬୧୦ ଟଙ୍କା, ବେଆଇନ ଭାବେ ଗଛ କଟା ପାଇଁ ଢେଙ୍କାନାଳ ବନପାଳଙ୍କୁ ୪,୦୭,୧୧୫ ଟଙ୍କା, ଅନୁମତିଠାରୁ ଅଧିକ ପଥର ଖନନ ପାଇଁ କଙ୍କଡ଼ାହାଡ଼ ତହସିଲଦାରଙ୍କୁ ୫ ଲକ୍ଷ ଟଙ୍କା ଜରିମାନା ଦେବାକୁ ଖଣି ମାଲିକ ଚିନ୍ମୟ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୨୧ ଡିସେମ୍ବର ୩ରେ ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ସୁଧୀର ଅଗ୍ରୱାଲ, ଜଷ୍ଟିସ୍ ଏ. ଷ୍ଟାଲେକାର, ଜଷ୍ଟିସ୍ ନଗିନ ନନ୍ଦ, ଜଷ୍ଟିସ୍ ଶୈବାଳ ଦାସଗୁପ୍ତାଙ୍କୁ ନେଇ ଗଠିତ ୫ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ମାସେ ମଧ୍ୟରେ ଜିଲାପାଳଙ୍କ ନିକଟରେ ୫ କୋଟି ଟଙ୍କା ଅର୍ଥରାଶି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ନ ହେଲେ ଆପରାଧିକ ମାମଲା ରୁଜୁ କରାଯିବ ବୋଲି ଦର୍ଶାଇଥିଲେ। ସେହିପରି ପଥର ଖଣିରେ ବ୍ଲାଷ୍ଟିଂ ଯୋଗୁ ହୋଇଥିବା ବାସଗୃହ କ୍ଷୟକ୍ଷତି ନେଇ କ୍ଷତିଗ୍ରସ୍ତମାନେ ଜିଲାପାଳଙ୍କ ନିକଟରେ ଆବେଦନ କରିପାରିବେ ବୋଲି କୋର୍ଟ କହିଥିଲେ। ଉକ୍ତ ରାୟ ବିରୋଧରେ ଖଣିମାଲିକ ଚିନ୍ମୟ ଏନ୍‌ଜିଟିଙ୍କ ନିକଟରେ ଆବେଦନ କରିଥିଲେ। ସୂଚନାଯୋଗ୍ୟ, ଉକ୍ତ ବିବାଦୀୟ ଖଣିରୁ ବାର୍ଷିକ ୩,୫୦୦ କ୍ୟୁବିକ ମିଟର ପଥର ଉତ୍ତୋଳନ ପାଇଁ ଅନୁମତି ରହିଥିବା ବେଳେ ଏହାର ଖିଲାପ କରାଯାଇଛି।



ଝିଲ୍ଲିଠାରେ ଅବସ୍ଥିତ ପଥର ଖଣି।

# ମେଶିନ ଚଳାଇବେ ମହିଳା


କମ୍ପାନୀରେ ନିଯୁକ୍ତି ପାଇଥିବା ମହିଳାମାନେ କେକ୍ କାଟି ଖୁସି ମନାଉଛନ୍ତି।

**ଢେଙ୍କାନାଳ ଅଫିସ, ୨୫।୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀସ୍ଥିତ ଟାଟାଷ୍ଟିଲ୍ ଶିଳ୍ପ ପ୍ରତିଷ୍ଠାନରେ ପ୍ରଥମ କରି ମେଶିନ ପରିଚାଳନା କରିବେ ମହିଳା। ନିଜ ଭେଣ୍ଡର ସହଯୋଗୀ 'ଭାମନ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍' ମାଧ୍ୟମରେ ୪ ମହିଳା ଅପରେଟରଙ୍କୁ ଷ୍ଟାକର କମ୍ ରିକ୍ଲେମର (ଏସ୍‌ସିଆର) ଭାବେ କମ୍ପାନୀରେ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ସସ୍ମିତା ପରିଡ଼ା, ଉମାରାଣୀ ନାଇକ, ମୌସୁମୀ ବେହେରା, ମହିୟସୀ ବିଶ୍ୱାଳ। ସହଯୋଗୀ ଭାବେ ହିମାଦ୍ରି ତନୟା ସାହୁ ହାଇଓ୍ୱା ଅପରେଟର ଭାବେ ସେମାନଙ୍କ ସହିତ ଯୋଗ ଦେଇଛନ୍ତି। ଲିଙ୍ଗଗତ ସମାନତା ଲାଗି କମ୍ପାନୀ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଟାଟାଷ୍ଟିଲ୍ ମେରାମଣ୍ଡଳୀର ଭାଇସ ପ୍ରେସିଡେଣ୍ଟ ସୁବୋଧ ପାଣ୍ଡେ, କାର୍ଯ୍ୟନିର୍ବାହୀ ଅଧିକାରୀ (ମାନବ ସମ୍ବଳ ଓ ବ୍ୟବସାୟିକ ସହଯୋଗୀ) ସନ୍ଦୀପ ଧୀର, ଲଜିଷ୍ଟିକ ଅପରେଶନ ବିଭାଗ ଚିଫ୍ ସୁବ୍ରତ ବସାକ୍, ଆର୍‌ଏଚ୍‌ଏମ୍‌ଏସ୍ ତଥା କଞ୍ଚାମାଲ ପ୍ରକ୍ରିୟାକରଣ ଚିଫ୍ ଶୁଭ୍ରାଂଶ ଶେଖର ରାଉତ ନବନିଯୁକ୍ତ ମହିଳାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**■ଲିଙ୍ଗଗତ ସମାନତା ପାଇଁ ଟାଟାଷ୍ଟିଲ୍ ଉଦାହରଣ**

ଏହି ଅବସରରେ ସୁବୋଧ ପାଣ୍ଡେ କହିଲେ, ଏହା ଏକ ସ୍ମରଣୀୟ ତଥା ଗର୍ବର ଦିନ। ମହିଳାଙ୍କ ବହୁମୁଖୀ ବିକାଶ ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ। ସୁବ୍ରତ ବସାକ୍ କହିଲେ, ଏକ ଦାୟିତ୍ୱବାନ କର୍ପୋରେଟ ସଂସ୍ଥା ଭାବେ ମାନବ ପୁଞ୍ଜିର ବିବିଧତା ଉପରେ ଦୃଢ଼ ବିଶ୍ୱାସ ଅଛି। ଭେଣ୍ଡର ସହଯୋଗୀଙ୍କୁ ବିଶ୍ୱାସ ଓ ଯୋଗଦାନକୁ ଗ୍ରହଣ କରିବା ଲାଗି ମାର୍ଗଦର୍ଶନ କରାଯାଉଛି। ପୂର୍ବରୁ ଯାହା କେବଳ ପୁରୁଷମାନେ କରୁଥିଲେ, ଏବେ ତାହାକୁ ମହିଳାମାନେ କରିବେ। କାର୍ଯ୍ୟରେ ଯୋଗଦେବା ପୂର୍ବରୁ ସମ୍ପୃକ୍ତ ମହିଳାଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଇଛି। ଏଥିପୂର୍ବରୁ ଟ୍ରାନ୍ସଜେଣ୍ଡରଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ଲାଗି ବହୁ ପଦକ୍ଷେପ ନିଆଯାଇଛି। କମ୍ପାନୀ ପକ୍ଷରୁ ଋତୁସ୍ରାବକାଳୀନ ଛୁଟି, ଏଲ୍‌ଜିବିଟିକ୍ୟୁ ସହଯୋଗୀଙ୍କ ପାଇଁ ସମାନ ସୁବିଧା, ମାତୃତ୍ୱ/ପିତୃତ୍ୱ କ୍ଷେତ୍ରରେ ଛୁଟି ଭଳି ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ଏଲ୍‌ଜିବିଟିକ୍ୟୁ ବର୍ଗଙ୍କ ଲାଗି କାରଖାନାରେ ଅନୁକୂଳ ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ଟାଟାଷ୍ଟିଲକୁ ସ୍ୱର୍ଣ୍ଣ ନିଯୁକ୍ତିଦାତା ଭାବେ ସମ୍ମାନିତ କରାଯାଇଛି। ୨୦୨୫ ସୁଦ୍ଧା ୨୫% ବିବିଧ ଶ୍ରମଶକ୍ତି ସୃଷ୍ଟି କରିବା ଲାଗି କମ୍ପାନୀ ଲକ୍ଷ୍ୟ ରଖିଛି ବୋଲି ସୂଚନା ଦିଆଯାଇଛି।


କାର୍ଯ୍ୟରତ ଜଣେ ମହିଳା ଅପରେଟର।

## ସଂକ୍ଷେପରେ

### ପରିବାରର ୩ ସଦସ୍ୟ ଗିରଫ



ଅନୁଗୋଳ ଅଫିସ,୨୫।୨: ଅନୁଗୋଳର ନକଲି ମଦ ମାଫିଆ ଜୟପ୍ରକାଶ ଗୁପ୍ତାଙ୍କୁ ତାଙ୍କ କାରବାରରେ ପରିବାର ଲୋକେ ସହାୟତା କରୁଥିଲେ। ଏହାର ପ୍ରମାଣ ପାଇବା ପରେ ଅବକାରୀ ବିଭାଗ ଜୟପ୍ରକାଶଙ୍କ ସ୍ତ୍ରୀ ଅନିତା ଦେବୀ, ବାପା ଅଶୋକ ପ୍ରସାଦ ଓ ମାଆ ବିମଳା ଦେବୀଙ୍କୁ ଗିରଫ କରିଛି। ବଅଁରପାଳସ୍ଥିତ ଜେଏମ୍ଏଫ୍‌ସି କୋର୍ଟରେ ସେମାନଙ୍କୁ ହଜାର କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଗତ ୫ ତାରିଖରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଅନୁଗୋଳ ସହର ରାଣୀଗୋଡ଼ାସ୍ଥିତ ନାୟକ ସାହିସ୍ଥିତ ଜୟପ୍ରକାଶଙ୍କ ଭଡ଼ାଘରେ ଚଢ଼ାଉ କରି ବିପୁଳ ପରିମାଣର ବୋତଲ, ଠିପି ଆଦି ଜବତ କରିଥିଲା। ହେଲେ ଚଢ଼ାଉ ପୂର୍ବରୁ ଜୟପ୍ରକାଶ ପରିବାର ଲୋକଙ୍କୁ ନେଇ ଫେରାର ହୋଇଯାଇଥିଲେ। ଗତ ୨୦ ଦିନ ହେଲା ଅବକାରୀ ବିଭାଗ ହାତରେ ଧରାପଡୁ ନ ଥିବା ନକଲି ମଦ ମାଫିଆ ଜୟପ୍ରକାଶଙ୍କୁ ଗୁରୁବାର ଆତ୍ମସମର୍ପଣ ପୂର୍ବରୁ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ୍ ବଅଁରପାଳ ଜେଏମ୍ଏଫ୍‌ସି କୋର୍ଟ ସମ୍ମୁଖରୁ ଗିରଫ କରିଥିଲେ। ତାଙ୍କୁ କଟକ ନିଆଯିବା ପରେ ଅବକାରୀ କମିଶନରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ମାରାଥନ୍ ଜେରା କରିଥିଲେ। ପରେ ତାଙ୍କ ପରିବାରର ୩ ଜଣଙ୍କୁ ଗିରଫ କରାଯାଇଥିଲା।

# ଆଜି ଖୋଲିବ ପ୍ରାର୍ଥୀଙ୍କ ଭାଗ୍ୟ ତାଲା

ଅନୁଗୋଳ ଅଫିସ/ ବଇଣ୍ଡା/ ଛେଣ୍ଡିପଦା,୨୫।୨(ଡି.ଏନ.ଏ.)



ଅନୁଗୋଳ ବ୍ଲକ ପିଟିସି ହାଇସ୍କୁଲଠାରେ ଭୋଟ ଗଣତି ପାଇଁ ଟେବୁଲ ପ୍ରସ୍ତୁତ।

- ପ୍ରଥମ ଦିନରେ ୮ ଜିଲା ପରିଷଦ ଜୋନ୍, ପଞ୍ଚାୟତ
- ଗଣତି ପାଇଁ ୬ଶହ କର୍ମଚାରୀ ନିୟୋଜିତ
- ସୁରକ୍ଷା ଦାୟିତ୍ୱରେ ୧୬୦ ପୋଲିସ ଅଫିସର

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ୨୬ ତାରିଖଠାରୁ ଆରମ୍ଭ ହେବ। ୨୮ ତାରିଖ ଯାଏ ଏହା ଚାଲିବାକୁ ଥିବାବେଳେ ଅନୁଗୋଳ ଜିଲାର ୮ ବ୍ଲକରେ ଉତ୍ସାହ ଦେଖାଦେଇଛି। ଭୋଟ ବାକ୍ସରେ ସିଲ୍ ହୋଇ ରହିଥିବା ପ୍ରାର୍ଥୀମାନଙ୍କ ଭାଗ୍ୟ ଖୋଲିବାକୁ ଯାଉଥିବାରୁ ଜିଲା ପରିଷଦଠାରୁ ଆରମ୍ଭ କରି ପଞ୍ଚାୟତ ପ୍ରାର୍ଥୀମାନଙ୍କ ମନ ଅଥୟ ହୋଇଯାଉଛି। ପ୍ରଥମ ଦିନରେ ଜିଲାର ମୋଟ୍ ୨୮ଟି ଜୋନ୍ ମଧ୍ୟରୁ ୮ଟି ଜୋନ୍ ଓ ଏହା ଅଧୀନ ପଞ୍ଚାୟତଗୁଡ଼ିକର ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯିବ। ଏ ନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ସୂଚନା ମିଳିଛି।

ସକାଳ ୮ଟାରୁ ଏହି ଭୋଟ ଗଣତି ଆରମ୍ଭ ହେବ। ଅନୁଗୋଳ ବ୍ଲକ ପାଇଁ ଷ୍ଟ୍ରଙ୍ଗ୍ ରୁମ୍ କରାଯାଇଥିବା ପିଟିସି ହାଇସ୍କୁଲରେ ଏଥିପାଇଁ କାଉଣ୍ଟିଂ ହଲ୍ ପ୍ରସ୍ତୁତ ହୋଇ ରହିଛି। ଏଠାରେ ଅନୁଗୋଳ ବ୍ଲକରେ ଥିବା ୧ନଂ. ଜିଲା ପରିଷଦ ଜୋନ୍ ଓ ଏହା ଅଧୀନ ପଞ୍ଚାୟତଗୁଡ଼ିକର ଭୋଟ ଗଣତି କରାଯିବ। ସେହିପରି ଆଠମଲ୍ଲିକ ବ୍ଲକ୍‌ରେ ଥିବା ୫ନଂ. ଜିଲା ପରିଷଦ ଜୋନ୍ ଓ ଏହା ଅଧୀନ କମ୍ପଲା, କନ୍ଧପଡା, କିଆକଟା, କୁଦଗାଁ, ଲୁଣହାଣ୍ଡି, ମାଧପୁର, ପୁରୁଣାମାଣତ୍ରୀ, ଟୁସର ଓ ବାସୁଦେବପୁର ପଞ୍ଚାୟତର ଭୋଟ ଗଣତି ଷ୍ଟ୍ରଙ୍ଗ୍ ରୁମ୍ ହୋଇଥିବା ଆଠମଲ୍ଲିକ କଲେଜଠାରେ କରାଯିବ। କଣିହାଁ ବ୍ଲକରେ ଥିବା ୮ନଂ. ଜିଲା ପରିଷଦ ଜୋନ୍ ଓ ଏହା ଅଧୀନ ପଞ୍ଚାୟତଗୁଡ଼ିକର ଭୋଟ ଗଣତି ଷ୍ଟ୍ରଙ୍ଗ୍ ରୁମ୍ ହୋଇଥିବା ବ୍ଲକ କାର୍ଯ୍ୟାଳୟ ପରିସରରେ କରାଯିବ। କିଶୋରନଗର ବ୍ଲକରେ ଥିବା ୧୧ନଂ. ଜିଲା ପରିଷଦ ଜୋନ୍ ଓ ଏହା ଅଧୀନ ଧଉରାପାଲି, ବାମୁର, ରଣିଆକଟା, ଜଏରାଟ, ହିମିତିରା, କଦଳୀମୁଣ୍ଡା ଓ ଓସ୍କାପାଲି ପଞ୍ଚାୟତର ଭୋଟ ଗଣତି ଷ୍ଟ୍ରଙ୍ଗ୍ ରୁମ୍ ହୋଇଥିବା କିଶୋରନଗର କଲେଜଠାରେ କରାଯିବ। ଛେଣ୍ଡିପଦା ବ୍ଲକ୍‌ରେ ଥିବା ୧୪ନଂ. ଜିଲା ପରିଷଦ ଜୋନ୍ ଓ ଏହା ଅଧୀନ ବାଗଡିଆ, ବରସାହି, ନୂଆଗାଁ, କଣଲୋଇ, ପାଟକୁମୁଣ୍ଡା, ପାତ୍ରପଡା ଓ ଟଙ୍ଗିରୀ ପଞ୍ଚାୟତର ଭୋଟ ଗଣତି ଷ୍ଟ୍ରଙ୍ଗ୍ ରୁମ୍ ହୋଇଥିବା ବାପୁଜୀ କଲେଜଠାରେ ହେବ। ତାଳଚେର ବ୍ଲକରେ ଥିବା ୧୮ନଂ. ଜିଲା ପରିଷଦ ଜୋନ୍ ଓ ଏହା ଅଧୀନ ପଞ୍ଚାୟତଗୁଡ଼ିକର ଭୋଟ ଗଣତି ଷ୍ଟ୍ରଙ୍ଗ୍ ରୁମ୍ ହୋଇଥିବା ବ୍ଲକ କାର୍ଯ୍ୟାଳୟରେ କରାଯିବ। ପାଲଲହଡ଼ା ବ୍ଲକରେ ଥିବା ୨୨ନଂ. ଜିଲା ପରିଷଦ ଜୋନ୍ ଓ ଏହା ଅଧୀନ ପଞ୍ଚାୟତଗୁଡ଼ିକର ଭୋଟ ଗଣତି ଷ୍ଟ୍ରଙ୍ଗ୍ ରୁମ୍ ହୋଇଥିବା ମହତାବ ହାଇସ୍କୁଲ ପରିସରରେ ହେବ। ବଅଁରପାଳ ବ୍ଲକରେ ଥିବା ୨୫ନଂ. ଜିଲା ପରିଷଦ ଜୋନ୍ ଓ ଏହା ଅଧୀନ ପଞ୍ଚାୟତଗୁଡ଼ିକର ଭୋଟ ଗଣତି ଷ୍ଟ୍ରଙ୍ଗ୍ ରୁମ୍ ହୋଇଥିବା ବ୍ଲକ କାର୍ଯ୍ୟାଳୟ ପରିସରରେ ହେବ। ପ୍ରଥମେ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଶେଷରେ ଜିଲା ପରିଷଦ ପ୍ରାର୍ଥୀଙ୍କ ଭୋଟ ଗଣନା କରାଯିବ। ଏଥିପାଇଁ ଜିଲାରେ ମୋଟ୍ ୬ଶହ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସେମାନଙ୍କୁ ୨ ଦିନ ଧରି ଟ୍ରେନିଂ ମଧ୍ୟ ଦିଆଯାଇସାରିଛି। ପ୍ରତି କାଉଣ୍ଟିଂ ହଲ୍‌ରେ ୧୦ଟି ଲେଖାଏ ଟେବୁଲ ବ୍ୟବସ୍ଥା କରାଯାଇଛି। ଜଣେ କାଉଣ୍ଟିଂ ସୁପରଭାଇଜର, ୨ଜଣ ସହଯୋଗୀ କାଉଣ୍ଟିଂ ସୁପରଭାଇଜର, ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଓ ଜଣେ ଲେଖାଏ ଗେଜେଟେଡ୍ ଅଫିସର ପ୍ରତି ଟେବୁଲ ଦାୟିତ୍ୱରେ ରହିବେ। ସେହିପରି ପ୍ରାର୍ଥୀମାନଙ୍କ ଜଣେ ଲେଖାଏ ଏଜେଣ୍ଟ ମଧ୍ୟ ହଲ୍ ମଧ୍ୟରେ ଉପସ୍ଥିତ ରହିବେ। ସୁରକ୍ଷା ବ୍ୟବସ୍ଥା ପାଇଁ ଜିଲାରେ ମୋଟ୍ ୧୬୦ ପୋଲିସ ଅଫିସର ଓ ୧୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ପ୍ରତି କାଉଣ୍ଟିଂ ସେଣ୍ଟର ସୁରକ୍ଷାରେ ୨୦ ଜଣ ପୋଲିସ ଅଫିସର, ୨ ପ୍ଲାଟୁନ ଫୋର୍ସ ରହିବେ। ଏସ୍‌ଡିପିଓ ତଥା ଡିଏସ୍‌ପି ସ୍ତରୀୟ ଅଧିକାରୀ ତଦାରଖ କରିବେ। ମୋବାଇଲ୍ ସ୍କ୍ୱାଡ୍ ଉକ୍ତ ଅଞ୍ଚଳରେ ପଇଁତରା ମାରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଲକ୍ଷ୍ମୀ ହୋଣ୍ଡାରେ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ,୨୫।୨

ଅନୁଗୋଳ ହୋଣ୍ଡା ମୋଟରସାଇକେଲ ଏବଂ ସ୍କୁଟର ଇଣ୍ଡିଆର ଅଧିକୃତ ବିକ୍ରେତା ଲକ୍ଷ୍ମୀ ହୋଣ୍ଡାଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ହୋଣ୍ଡା କମ୍ପାନୀର ଜୋନାଲ ମ୍ୟାନେଜର ସେଲ୍ ଅଜିତ୍ ପଣ୍ଡା, ଜୋନାଲ ମ୍ୟାନେଜର କଷ୍ଟମର ସର୍ଭିସ ପ୍ରତାପ ସିଂ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ଗ୍ରାହକମାନଙ୍କୁ ସଡ଼କ ସୁରକ୍ଷା ବିଷୟରେ ଅବଗତ କରାଯାଇଥିଲା। ଠିକ୍ ଗାଡ଼ି ଚାଳନା, ଟ୍ରାଫିକ ନିୟମ ମାନିବା, ଟ୍ରାଫିକର ବିଭିନ୍ନ ନିୟମ ଜାଣିବା, ହେଲମେଟ୍, ସୁଜ୍ ବ୍ୟବହାର ସହ ଗାଡ଼ି ଚାଳନା ପୂର୍ବରୁ ଯାଞ୍ଚ କରିନେବା ଆଦି ସମ୍ପର୍କରେ ବୁଝାଯାଇଥିଲା। ଲକ୍ଷ୍ମୀ ହୋଣ୍ଡା କେବଳ ଗାଡ଼ି କି ସ୍ପେୟାର ପାର୍ଟ୍ସ ବିକ୍ରି କରିବା ଅବା ସର୍ଭିସ ଦିଏ ନାହିଁ, ଏହା ଗ୍ରାହକମାନଙ୍କ ସୁରକ୍ଷା ପ୍ରତି ଯଥେଷ୍ଟ ପ୍ରାଧାନ୍ୟ ଦେଇଥାଏ। ଏଥିପାଇଁ ବିଗତ ଦିନମାନଙ୍କରେ ଲକ୍ଷ୍ମୀ ହୋଣ୍ଡାର ସ୍ୱତନ୍ତ୍ର ଟିମ୍ ଜିଲାର ବିଭିନ୍ନ ସ୍କୁଲ, କଲେଜ ଆଦିରେ ସଡ଼କ ସୁରକ୍ଷା ସଚେତନତା ଶିବିର ଆୟୋଜିତ କରିଆସୁଛି। ଏହି କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ ବୋଲି ଲକ୍ଷ୍ମୀ ହୋଣ୍ଡାର ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ ମତପ୍ରକାଶ କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ସଡ଼କ ସୁରକ୍ଷା ଅତି ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଲକ୍ଷ୍ମୀ ହୋଣ୍ଡା ସବୁବେଳେ ତା'ର ସାମାଜିକ ଦାୟିତ୍ୱ ନିର୍ବାହ କରିବ ବୋଲି ପ୍ରକାଶ କରିଥିଲେ। କର୍ମଚାରୀମାନେ ଉପସ୍ଥିତ ଗ୍ରାହକଙ୍କୁ ଧନ୍ୟବାଦ ଦେଇଥିଲେ।



ସଚେତନତା କାର୍ଯ୍ୟକ୍ରମ ଅବସରରେ ଅତିଥି, କର୍ମଚାରୀଙ୍କ ସହ ଗ୍ରାହକମାନେ।

# ଏମ୍‌ସିଏଲ୍‌ର ରେକର୍ଡ କୋଇଲା ଉତ୍ପାଦନ

ତାଳଚେର,୨୫।୨ (ନି.ପ୍ର.)



ମହାନଦୀ କୋଲ ଫିଲଡ୍‌ସ ଲିମିଟେଡ୍ (ଏମ୍‌ସିଏଲ୍) ପୂର୍ବ ବର୍ଷର ରେକର୍ଡ ଭାଙ୍ଗି ୧୪୮ ମିଲିୟନ ଟନ୍ କୋଇଲା ଉତ୍ପାଦନ ମାଇଲଖୁଣ୍ଟକୁ ପାର୍ କରିଛି। ଚଳିତ ଆର୍ଥିକ ବର୍ଷର ଅନ୍ତିମ ୩୫ ଦିନ ବାକି ଥିବା ବେଳେ ଏମ୍‌ସିଏଲ୍ ୧୨ ପ୍ରତିଶତ ଅଭିବୃଦ୍ଧିରେ ଏହି ବର୍ଷକୁ ଶେଷ କରିବ ବୋଲି ଆଶାବ୍ୟକ୍ତ କରାଯାଉଛି। ଫେବୃୟାରୀ ୨୪ ତାରିଖରେ ୧୪୮.୨୨ ମିଲିୟନ ଟନ୍ କୋଇଲା ଉତ୍ପାଦନ କରି ଏମ୍‌ସିଏଲ୍ ଏହି ରେକର୍ଡ ହାସଲ କରିଛି। ଏହି ସଫଳତା ପାଇଁ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂହ ସମସ୍ତ ଅଧିକାରୀ, କର୍ମଚାରୀ, କାର୍ଯ୍ୟରତ ଠିକା କମ୍ପାନୀ ଏବଂ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଥର ଅଧିକ କୋଇଲା ଉତ୍ପାଦନ କରାଯାଇଥିବା ଯୋଗୁ ସିଏମ୍‌ଡି ସିଂହ କର୍ମଚାରୀଙ୍କୁ ପ୍ରଶଂସା କରି କହିଛନ୍ତି, ବିଗତ ବର୍ଷ ତୁଳନାରେ କମ୍ପାନୀ ୧୫ ପ୍ରତିଶତ ଅଧିକ ବୃଦ୍ଧି ଲାଭ କରିଛି। ଏହା ସନ୍ତୋଷଜନକ କଥା। ଏମ୍‌ସିଏଲ୍ ଟିମ୍ ନୂତନ କୀର୍ତ୍ତିମାନ ହାସଲ କରିବା ସହ ଦେଶରେ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିପାରିଛି। କୋଇଲା ପ୍ରେରଣ ଏବଂ ଓଭର ବର୍ଡନ କ୍ଷେତ୍ରରେ ଏମ୍‌ସିଏଲ୍ ପୂର୍ବରୁ ବିଗତ ବର୍ଷର ରେକର୍ଡ ପାର୍ କରିସାରିଛି। ୨୦୨୦-୨୧ ଆର୍ଥିକ ବର୍ଷ ତୁଳନାରେ ଅଦ୍ୟାବଧି କମ୍ପାନୀ ୧୮% ଅଭିବୃଦ୍ଧି ପଞ୍ଜୀକରଣ କରିବା ସହ ଉପଭୋକ୍ତାମାନଙ୍କୁ ୧୫୮ ମିଲିୟନ ଟନ୍ ଶୁଷ୍କ ଇନ୍ଧନ ଯୋଗାଇଛି, ଯାହାକି ଓଭର ବର୍ଡନ ଅପସାରଣରେ ୨୨% ପ୍ରତିଶତ ଅଭିବୃଦ୍ଧି ସହିତ ୧୮୪ ମିଲିୟନ କ୍ୟୁବିକ୍ ମିଟର ଓଭର ବର୍ଡନ ଅପସାରଣର ରେକର୍ଡ ସୃଷ୍ଟି କରିଛି ବୋଲି ସିଏମ୍‌ଡି ପ୍ରକାଶ କରିଛନ୍ତି।

# ୩୨ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୨୫।୨

ଅନୁଗୋଳ ଜିଲାରୁ ଶୁକ୍ରବାର ୩୨ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୮ ହଜାର ୪୩୦ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୧୭ ଜଣ, ପାଲଲହଡା ବ୍ଲକ ଅଞ୍ଚଳରୁ ୫, କିଶୋରନଗର ବ୍ଲକ ଅଞ୍ଚଳରୁ ୪, ଅନୁଗୋଳ ବ୍ଲକ ଅଞ୍ଚଳରୁ ୩, ବଅଁରପାଳ ବ୍ଲକ ଅଞ୍ଚଳରୁ ୧, କଣିହାଁ ବ୍ଲକ ଅଞ୍ଚଳରୁ ୧ ଓ ଅନୁଗୋଳ ପୌରାଞ୍ଚଳରୁ ଜଣେ ଅଛନ୍ତି। ଲକ୍ଷଣଯୁକ୍ତ ଆକ୍ରାନ୍ତକୁ ନିଜ ଘରେ ସଙ୍ଗରୋଧରେ ରଖାଯାଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଦିନକରେ ଜିଲାରୁ ୨୨ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ କୋଭିଡ୍‌ରେ ୪୧୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୭ ଲକ୍ଷ ୧୭ ହଜାର ୫୪୩ ଜଣଙ୍କୁ ଟିକା ଦିଆଯାଇଛି।

# ଦେବରାଜ ସାହୁଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଅନୁଗୋଳ ଅଫିସ,୨୫।୨

ଅନୁଗୋଳ ଜିଲାର ବର୍ଷୀୟାନ କଂଗ୍ରେସ ନେତା ପୂର୍ବତନ ମନ୍ତ୍ରୀ ଦେବରାଜ ସାହୁଙ୍କ ବିୟୋଗରେ ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଅପରାହ୍ନରେ ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ସ୍ଥାନୀୟ କଂଗ୍ରେସ ଭବନକୁ ଅଣାଯାଇ ସେଠାରେ ଶତାଧିକ କଂଗ୍ରେସ କର୍ମୀ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କଂଗ୍ରେସ ଭବନଠାରେ ଜିଲା ସଭାପତି ବିପ୍ଳବ ଜେନା, ଉପସଭାପତି ଚିତ୍ତ ରଞ୍ଜନ ନାଏକ, ତପନ ପ୍ରଧାନ, ମିଡିଆ ସେଲ୍ ଅଧ୍ୟକ୍ଷ ଗୋପାଳ ନାଥ, ଆଇନ ସେଲ୍ ଅଧ୍ୟକ୍ଷ ଧର୍ମେନ୍ଦ୍ର ନାଥ ମିଶ୍ର, ଏସ୍‌ସି ସେଲ୍ ଅଧ୍ୟକ୍ଷ ନୀଳକଣ୍ଠ ନାଏକ, ଅନୁଗୋଳ ବ୍ଲକ ସଭାପତି ଅମୂଲ୍ୟ ବେହେରା, ବଅଁରପାଳ ବ୍ଲକ ସଭାପତି ବିନୋଦ ମାଝି, ଜିଲା ସାଧାରଣ ସମ୍ପାଦକ ରାକେଶ ମିଶ୍ର, ବଲବୀର ସିଂହ, ନଗର ମହିଳା ସଭାନେତ୍ରୀ ବବିନା ଖାତୁନ ପ୍ରମୁଖ ଶତାଧିକ ଛାତ୍ର, ଯୁବ ଓ ମହିଳା କଂଗ୍ରେସ କର୍ମୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ଶୋଭାଯାତ୍ରାରେ ଅନୁଗୋଳରେ ପହଞ୍ଚିଥିବା ଦେବରାଜଙ୍କ ମରଶରୀର।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲା କାୟାକଳ୍ପ ଟିମ୍

କଣିହାଁ,୨୫।୨(ଡି.ଏନ.ଏ.)





କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍‌ର ସଦସ୍ୟଙ୍କ ସମେତ ଅନ୍ୟମାନେ।

ଅନୁଗୋଳ ଜିଲା କଣିହାଁ ଓ ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗର କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ପ୍ରଥମେ ଉକ୍ତ ଟିମ୍ ବିଭିନ୍ନ ୱାର୍ଡ, ସ୍ୱଚ୍ଛତା, ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ରୋକିବା ବ୍ୟବସ୍ଥା ସହ ବିଶ୍ରାମ ସ୍ଥଳ, ପାର୍କ ଆଦି ବୁଲି ଦେଖିଥିଲେ। ଏଥିସହିତ ସୁପରିଚାଳନା ଓ ଚିକିତ୍ସା ନେଇ ଡାକ୍ତର, କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାୟାକଳ୍ପ ଟିମ୍ ଡାକ୍ତର ବୀଣାପାଣି ନନ୍ଦ, ଅଞ୍ଜନା ପଣ୍ଡା ଓ ରାଜ୍ୟ ପିପିଟିସିଟି ୟୁନିସେଫ ପରାମର୍ଶଦାତା ତୃପ୍ତି ମିଶ୍ର ଉପସ୍ଥିତ ଥିଲେ। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ, ଡାକ୍ତର ଅଳକା ସାମଲ, ଜିଲା ପଦାଧିକାରୀ ବ୍ରତିନ କୁମାର ପ୍ରଧାନ, ଆୟୁଷ ଡାକ୍ତର ରାକେଶ ମହାରଣା, ଦିଲୀପ ପ୍ରଧାନ, ବିପିଏମ୍ ମୋନାଲିସା ପ୍ରଧାନ, ଭାରପ୍ରାପ୍ତ ପିଏଚଇଓ ମନଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉକ୍ତ ଟିମ୍ ଅପରାହ୍ନରେ ଗୋଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସତ୍ୟପ୍ରିୟ ମହିତ୍, ଡାକ୍ତର ଅନ୍ୱେଷା ମହନ୍ତ, ଡ. ବିଶ୍ୱଜିତ୍ ସାହୁ, ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଅଭୟ ସାମଲ, ବିପିଏମ୍ ମଧୁସ୍ମିତା ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୨୫।୨(ଡି.ଏନ.ଏ.)

ଆଠମଲ୍ଲିକ ଥାନା ଅନନ୍ତପାଲି ଗ୍ରାମର ପ୍ରବୀଣା ବେହେରାଙ୍କୁ ସେହି ଗ୍ରାମର ମଧୁସୂଦନ ବେହେରା, ଖୁଲଣା ବେହେରା, ତୁଳସୀ ବେହେରା ମାଡ଼ ମାରିଥିବା ଗୁରୁବାର ଆଠମଲ୍ଲିକ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୫୩/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ପ୍ରବୀଣାଙ୍କ ବାଡିରେ ଖୁଲଣାଙ୍କ ଗାଈ ପଶି ଫସଲ ନଷ୍ଟ କରିଥିଲା। ଏ ନେଇ ପ୍ରବୀଣା ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅପରପକ୍ଷେ ଖୁଲଣା ମଧ୍ୟ ଏକ ପାଲଟା ଅଭିଯୋଗ କରିଛନ୍ତି। ସେ ଘରେ ଥିବାବେଳେ ତାଙ୍କୁ ପ୍ରବୀଣା ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ.୫୪/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଇସ୍କନ ପକ୍ଷରୁ ନୂଆ ପ୍ରଚେଷ୍ଟା

ଅନୁଗୋଳ ଅଫିସ,୨୫।୨

ଇସ୍କନ ଅନୁଗୋଳ ଦ୍ୱାରା ବ୍ୟବସାୟିକ ଅନୁଷ୍ଠାନ, ବ୍ୟାଙ୍କ, କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ପାଇଁ ଏକ ନୂତନ ପ୍ରଚେଷ୍ଟା ଆରମ୍ଭ ହୋଇଛି। ଏଚ୍‌ଡିଏଫସି ବ୍ୟାଙ୍କ ଅନୁଗୋଳ ଶାଖାରେ ଗୁରୁବାର 'ଲିଭ୍ ଗୀତା, ଗିଭ୍ ଗୀତା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇସ୍କନ ଅନୁଗୋଳ ଆଶ୍ରମର ସହପରିଚାଳକ ମୋହନ କୃଷ୍ଣ ଦାସ କର୍ମମୟ ଜୀବନରେ ଭଗବତ୍ ଗୀତାର ପ୍ରୟୋଗ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଇସ୍କନ୍ ଅନୁଗୋଳର ଯୁବ ପ୍ରଚାର ମୁଖ୍ୟ ସୁମିତ୍ର କୃଷ୍ଣ ଦାସ ସହଯୋଗ କରିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିଚାଳକ ସିଦ୍ଧାର୍ଥ ତ୍ରିପାଠୀଙ୍କ ବିଶେଷ ଆଗ୍ରହ ଓ ସହଯୋଗ ଯୋଗୁ ଏହା ସଫଳ ହୋଇପାରିଲା।





କାର୍ଯ୍ୟକ୍ରମରେ ଉପସ୍ଥିତ ଇସ୍କନ କର୍ମକର୍ତ୍ତାଙ୍କ ସହ ବ୍ୟାଙ୍କ କର୍ମଚାରୀମାନେ।

# ପଞ୍ଚାୟତ ପରେ ପୌର ନିର୍ବାଚନ ଘଣ୍ଟି

ଅନୁଗୋଳ ଅଫିସ,୨୫।୨

- ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋର୍‌ଦାର
- ଅନୁଗୋଳ, ତାଳଚେର, ଆଠମଲ୍ଲିକରେ ଉତ୍ସାହ
- ମୋଟ୍ ୫୫ ୱାର୍ଡରେ ୨୪ରେ ଭୋଟଗ୍ରହଣ

ପଞ୍ଚାୟତ ପରେ ପୌର ନିର୍ବାଚନ ପାଇଁ ଅନୁଗୋଳ ଜିଲାରେ ଆରମ୍ଭ ହୋଇଛି ପ୍ରକ୍ରିୟା। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଶୁକ୍ରବାର ଏ ନେଇ ଘୋଷଣା କରାଯିବା ପରେ ଅନୁଗୋଳ ଓ ତାଳଚେର ପୌରାଞ୍ଚଳ ଏବଂ ଆଠମଲ୍ଲିକ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରେ ଉତ୍ସାହ ଦେଖାଦେଇଛି। ମାର୍ଚ୍ଚ ୨ରୁ ୭ ତାରିଖ ଯାଏ ଏଥିପାଇଁ ନାମାଙ୍କନପତ୍ର ଦାଖଲ କରାଯିବ। ୧୪ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବ। ମାର୍ଚ୍ଚ ୨୪ରେ ଭୋଟ ଗ୍ରହଣ କରାଯାଇ ୨୬ରେ ଫଳାଫଳ ପ୍ରକାଶ କରାଯିବ। ଭୋଟ୍ ଗ୍ରହଣ ବେଳେ ପ୍ରତି ବୁଥ୍‌ରେ ଦୁଇଟି ଲେଖାଏ ଇଭିଏମ୍ ରହିବ ଓ ସେଥିରେ ନନ୍ ଅଫ୍ ଦି ଏଭବ (ନୋଟା) ବ୍ୟବସ୍ଥା ରହିବ ବୋଲି ସୂଚନା ମିଳିଛି।

ଅନୁଗୋଳ ଜିଲାରେ ଥିବା ଅନୁଗୋଳ ଓ ତାଳଚେର ପୌର ପରିଷଦ ଏବଂ ଆଠମଲ୍ଲିକ ଏନ୍‌ଏସିରେ ଏହି ନିର୍ବାଚନ ଅନୁଷ୍ଠିତ ହେବ। ଅନୁଗୋଳ ପୌର ପରିଷଦ ଅଞ୍ଚଳରେ ମୋଟ୍ ୨୩ଟି ୱାର୍ଡ ରହିଛି। ଏଠାରେ ୩୪ ହଜାର ୨୯୩ ଭୋଟର ଥିବାରୁ ୪୦ଟି ବୁଥ୍ ବ୍ୟବସ୍ଥା କରାଯାଇଛି। ତାଳଚେର ପୌରାଞ୍ଚଳରେ ୨୧ ୱାର୍ଡ ରହିଛି। ଏଠାକାର ୨୮ ହଜାର ୪୮୧ ଭୋଟରଙ୍କ ପାଇଁ ୩୨ ବୁଥ୍ କରାଯାଇଛି। ଆଠମଲ୍ଲିକ ଏନ୍‌ଏସିରେ ୧୧ ୱାର୍ଡ ଥିବାବେଳେ ଭୋଟରଙ୍କ ସଂଖ୍ୟା ୯ ହଜାର ୭୯୧। ଏଠାରେ ୧୨ଟି ବୁଥ୍‌ର ବ୍ୟବସ୍ଥା କରାଯାଇଛି। ୨୪ରେ ହେବାକୁ ଥିବା ଭୋଟ ଗ୍ରହଣ ପାଇଁ ଅନୁଗୋଳରେ ୨ଶହ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ନିଯୁକ୍ତି ଦିଆଯିବ। ପ୍ରଶାସନ ପକ୍ଷରୁ କର୍ମଚାରୀ ଯୋଗାଇ ଦେବାକୁ ଚିଠି କରାଯାଇଛି। ତାଳଚେରରେ ୧୬୦ ଜଣ ପୋଲିଂ ଓ ପ୍ରିଜାଇଡିଂ ଅଫିସର ରହିବେ। ସେହିପରି ଆଠମଲ୍ଲିକ ଏନ୍‌ଏସିରେ ୬୦ ପୋଲିଂ ଓ ପ୍ରିଜାଇଡିଂ ଅଫିସର ରହିବେ। ପ୍ରତି ବୁଥ୍‌ରେ ଜଣେ ଲେଖାଏ ପୋଲିସ କର୍ମଚାରୀ ରହିବେ। ଅନୁଗୋଳ, ତାଳଚେର ଓ ଆଠମଲ୍ଲିକ ଉପଜିଲାପାଳ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ମିଳିଛି।

# ଆଇଏନ୍‌ଟିୟୁସି ଶ୍ରମିକ ସଙ୍ଗଠନର ସମର୍ଥନ

ବଅଁରପାଳ,୨୫।୨(ଡି.ଏନ.ଏ.)



**ଟିଟିପିଏସ୍ କର୍ମଚାରୀଙ୍କୁ ନିଯୁକ୍ତି, ରାଜପଥ ମରାମତି ଦାବିରେ ଆନ୍ଦୋଳନ ଡାକରା**

ଅନୁଗୋଳ ଜିଲା ତାଳଚେରସ୍ଥିତ ତାଳଚେର ଥର୍ମାଲ ପାୱାର ପ୍ଲାଣ୍ଟ (ଟିଟିପିଏସ୍)ର ଛଟେଇ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି ଓ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଶୀଘ୍ର ମରାମତି କରା ନ ଗଲେ ଆସନ୍ତା ୩ ତାରିଖରୁ ଆନ୍ଦୋଳନ କରାଯିବ ବୋଲି ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଚେତାବନୀ ଦେଇଛନ୍ତି। ଏହାକୁ ଆଇଏନ୍‌ଟିୟୁସି ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯିବା ସହ ସମର୍ଥନ ଦିଆଯାଇଛି।

ସଙ୍ଗଠନ ପକ୍ଷରୁ କୁହାଯାଇଛି, ପ୍ରଦୂଷଣକୁ ଆଳ କରି ଗତ ମାର୍ଚ୍ଚ ୩୧ ତାରିଖରୁ ଟିଟିପିଏସ୍‌କୁ ଏନ୍‌ଟିପିସି କର୍ତ୍ତୃପକ୍ଷ ବନ୍ଦ କରିଦେଇଛନ୍ତି। ଫଳରେ ଏଠାରେ କାର୍ଯ୍ୟରତ ଥିବା ୧୫୦୦ ଠିକା କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ୨୦ ହଜାର ସ୍ଥାନୀୟ ବାସିନ୍ଦା ପ୍ରଭାବିତ ହୋଇଛନ୍ତି। କର୍ମଚାରୀଙ୍କ ଏହି ଛଟେଇ ପ୍ରତିବାଦରେ ଆଇଏନ୍‌ଟିୟୁସି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଫଳରେ ଅକ୍ଟୋବର ପର୍ଯ୍ୟନ୍ତ କର୍ମଚାରୀଙ୍କ ଛଟେଇ ଉପରେ ରୋକ୍ ଲାଗିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କର୍ମଚାରୀମାନଙ୍କ ଦରମା ଓ ଗେଟ୍ ପାସ୍ ବନ୍ଦ ହୋଇଯାଇଥିବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। କେନ୍ଦ୍ର ସରକାର କୌଣସି ନୂତନ କାରଖାନା ପ୍ରତିଷ୍ଠା କରି ନ ଥିବା ବେଳେ ଚାଲୁଥିବା ଉଦ୍ୟୋଗକୁ ବନ୍ଦ କରିବା ଓ ନାଲ୍‌କୋ ଭଳି ନବରତ୍ନ ମାନ୍ୟତାପ୍ରାପ୍ତ କମ୍ପାନୀର ଘରୋଇକରଣ ପ୍ରୟାସ ନିନ୍ଦନୀୟ। ଏଥିସହିତ ୫୫ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଥିବାବେଳେ କେଉଁ କାରଣରୁ ଉନ୍ନତୀକରଣ କରାଯାଉ ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଢେଙ୍କାନାଳ ଏମ୍‌ପି ଦେଇଥିବା ପ୍ରତୀକ ଧର୍ମଘଟକୁ ଆଇଏନ୍‌ଟିୟୁସି ଶ୍ରମିକ ସଙ୍ଗଠନ ସମର୍ଥନ କରୁଥିବା ନିର୍ମଳ ସାମଲ, ପରେଶ ଜେନା, ବିଭବ ଜେନା, ହେମନ୍ତ ପ୍ରଧାନ, ବିଜନ ଦଳବେହେରା, ମନୋଜ ସ୍ୱାଇଁ, ପ୍ରଣବ ଜେନା, ସୁଜିତ ସେଠ, ସନ୍ତୋଷ ମହାରଣା ପ୍ରମୁଖ ସମର୍ଥନ ଜଣାଇବା ସହିତ ସ୍ଥାନୀୟ ବୁଦ୍ଧିଜୀବୀ, ସମସ୍ତ ଶ୍ରମିକ ସଙ୍ଗଠନ ଓ ଜିଲାବାସୀ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି।

